## କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

କେନ୍ଦୁଝର,(ସ୍ୱ.ପ୍ର.): ତାଳଚେରରୁ କେନ୍ଦୁଝର ଜିଲା ଦେଇ ଯାଉଥିବା ଏକ କୋଇଲା ବୋଝେଇ ମାଲ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଧୂଆଁ ବାହାରୁଥିବା ଦେଖି ହରିଚନ୍ଦନପୁର ରେଳ ବାଇ ବିଭାଗ ଖୋର୍ଦ୍ଧା ଡିଭିଜନ ଅଫିସକୁ ଖବର ଦେଇଥିଲେ। ହରିଚନ୍ଦନପୁର ଷ୍ଟେସନ ମାଷ୍ଟର ଟ୍ରେନ୍‌କୁ ଅଟକାଇ ଦମକଳକୁ ଖବର ଦେଇଥିଲେ। ବିଦ୍ୟୁତ୍ ବିଚ୍ଛିନ୍ନ ପରେ ଗୋଟିଏ ବଗିରୁ ନିଆଁ ଲିଭାଇବା ପରେ ଅନ୍ୟ ୫ ବଗିରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଅପରାହ୍ଣ ୫ ସୁଦ୍ଧା ୬ ବଗିରୁ ନିଆଁ ଲିଭାଇ ଥିଲେ ବୋଲି ଅଗ୍ନିଶମ ଅଧିକାରୀ ଗୌର ମୋହନ ହେମ୍ବ୍ରମ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଚେକ୍ ବାଉନ୍ସ ମାମଲାରେ ୬ ମାସ ଜେଲ

ଭଦ୍ରକ ଅଫିସ,୧୯।୪-ଭଦ୍ରକ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଚିନ୍ମୟ କୁମାର ପାଢ଼ୀ ଏକ ଚେକ୍ ବାଉନ୍ସ ମାମଲାରେ ଜଣଙ୍କୁ ୬ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୯୦ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଟଙ୍କା ପୈଠ ନ କଲେ ଅତିରିକ୍ତ ୧ ମାସ ଜେଲ ନେଇ ରାୟରେ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ତିହିଡ଼ି ଥାନା ଆରସା ଗ୍ରାମର ନିରୁପମା ପଣ୍ଡା ଭୁବନେଶ୍ୱର ପାଣ୍ଡରା ମୌଜାରେ ଥିବା ଏକ ଜମିକୁ ବିକ୍ରି କରିବା ପାଇଁ ଗତ ୨୦୧୮ ଜୁନ୍ ୨୩ ରେ ଭଦ୍ରକ ଅପର୍ତିବିନ୍ଧା ଅଞ୍ଚଳର ଅନ୍ନପୂର୍ଣ୍ଣା ସାହୁଙ୍କ ସହ ଚୁକ୍ତି କରିଥିଲେ। ଚୁକ୍ତି ଅନୁଯାୟୀ ଭିନ୍ନ କିସ୍ତିରେ ୬୫ ହଜାର ଟଙ୍କା ନେଇ ସାରିଥିଲେ। କିଛିଦିନ ପରେ ଅନ୍ନପୂର୍ଣ୍ଣାଙ୍କ ଅଜାଣତରେ ଉକ୍ତ ଜମିକୁ ଅନ୍ୟ ଲୋକଙ୍କୁ ବିକ୍ରି କରି ଦେଇଥିଲେ। ଏହା ଜାଣିବା ପରେ ଅନ୍ନପୂର୍ଣ୍ଣା ଟଙ୍କା ଫେରସ୍ତ ମାଗିବାରୁ ନିରୁପମା ପଣ୍ଡା ତାଙ୍କୁ ଗତ ୨୦୧୮ ଡିସେମ୍ବର ୩୦ରେ ୬୫ ହଜାର ଟଙ୍କାର ଆନ୍ଧ୍ର ବ୍ୟାଙ୍କର ଏକ ଚେକ୍ ପ୍ରଦାନ କରିଥିଲେ। ଏହି ଚେକ୍ ବାଉନ୍ସ ହେବାରୁ ଅନ୍ନପୂର୍ଣ୍ଣା ଭଦ୍ରକ ଏସ୍‌ଡିଜେଏମ୍ କୋର୍ଟରେ ମାମଲା ରୁଜୁ କରିଥିଲେ।

### ପମ୍ପ ହାଉସ ପରିଚାଳନାରେ ତ୍ରୁଟି
### ପାନୀୟ ଜଳ ପାଇବାରୁ ଲୋକେ ବଞ୍ଚିତ

ପାଟଣା,୧୯।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ଗୁଲୁଦିପଶିଠାରେ ଥିବା ଏକ ପାନୀୟ ଜଳ ପ୍ରକଳ୍ପ ପରିଚାଳନାରେ ତ୍ରୁଟି ଯୋଗୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାୟୀ ଅପରେଟର ନ ଥିବାରୁ ଦୀର୍ଘ ଦିନରୁ ଟାଙ୍କି ସଫା ହୋଇ ପାରୁ ନ ଥିବାବେଳେ ନିୟମିତ ଜଳ ଯୋଗାଣ ହୋଇ ପାରୁନାହିଁ। ଅପରେଟର ଭାବେ ନିଯୁକ୍ତି ପାଇଥିବା ଖଗେଶ୍ୱର ମହାନ୍ତ ଦୀର୍ଘ ୬ ମାସ ହେବ ପକ୍ଷାଘାତ ରୋଗରେ ପୀଡ଼ିତ ହେବା ପରେ ପଞ୍ଚାୟତ କର୍ତ୍ତୃପକ୍ଷ ସ୍ଥାୟୀ ଅପରେଟର ନିଯୁକ୍ତି ଦେଇନାହାନ୍ତି। ଏନେଇ ବଡ଼ପାଟଣା ପଞ୍ଚାୟତ ପିଇଓ ଅଶୋକ ମହାପାତ୍ର କହିଛନ୍ତି। ଅପରେଟରଙ୍କ ପକ୍ଷାଘାତ ପରେ ସାମୟିକ ଭାବେ ଗ୍ରାମର ହର୍ଷ ବାରକଙ୍କୁ ପାଣି ପମ୍ପ ହାଉସ ଅପରେଟର ଭାବେ କାର୍ଯ୍ୟ କରିବାକୁ କୁହାଯାଇଛି। ନୂତନ ଅପରେଟର ଖୁବ୍‌ଶୀଘ୍ର ନିଯୁକ୍ତି ହେବେ। ପାଣି ଟାଙ୍କି ଅଳ୍ପ ଦିନ ତଳେ ସଫା କାରାଯାଇଥିଲା ଆଉଥରେ ସଫା କରାଯିବ।

### ଖୋଲୁନି ଜଳଛତ୍ର

ଗୋପବନ୍ଧୁ ନଗର,୧୯।୪(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ ତାପମାତ୍ରା ବଢ଼ିବାରେ ଲାଗିଛି। ଦୈନନ୍ଦିନ ୩୮ ରୁ ୪୦ ଡିଗ୍ରୀ ତାପମାତ୍ରା ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ପୂର୍ବାହ୍ନ ୧୦ଟା ପରେ ବାହରକୁ ଯିବା ସମ୍ଭବ ହୋଇ ପାରୁନାହିଁ। ମଧ୍ୟାହ୍ନ ବେଳକୁ ରାସ୍ତା ଘାଟ ଶୂନଶାନ ହୋଇପଡୁଛି। କ୍ରମାଗତ ୧୦ ଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିବା ଯୋଗୁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଲାଣି। ବର୍ଷା ଅଭାବରୁ ନଦୀ, ନାଳ ଓ ପୋଖରୀ ଶୁଖିଲା ପଡିଲାଣି। ଜଳସ୍ତର ହ୍ରାସ ଯୋଗୁ ଅଧିକାଂଶ ନଳକୂଅରୁ ପାଣି ବାହାରିବା ବନ୍ଦ ହୋଇ ଗଲାଣି। ଏଭଳି ପରିସ୍ଥିତିରେ ପ୍ରଶାସନ ଜଳଛତ୍ର ଖୋଲିବାର ନାଁ ଧରୁନାହିଁ। ପ୍ରତି ପଞ୍ଚାୟତ ପକ୍ଷରୁ ବିଭିନ୍ନ ଛକ, ବଜାର ଓ ଜନ ଗହଳି ସ୍ଥାନମାନଙ୍କରେ ଗ୍ରୀଷ୍ମ ଋତୁ ଆରମ୍ଭରୁ ଜଳଛତ୍ର ଖୋଲିବାର ବ୍ୟବସ୍ଥା ଥିଲେ ମଧ ଚଳିତ ବର୍ଷ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏଣୁ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜଳଛତ୍ର ଖୋଲିବା ପାଇଁ ଦାବି ହେଉଛି।

### 'ଓଡ଼ିଆ ସଂସ୍କୃତି, ପରମ୍ପରା ଉଜ୍ଜୀବିତ ରହୁ'

ରୂପସା, ୧୯।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅଧୀନ ବେଣାପୁରା ବାରୁଣୀ ପଡ଼ିଆରେ ସନ୍ତୋଷପୁର ସରସ୍ୱତୀ ବିଦ୍ୟାମନ୍ଦିର ଓ ଉତ୍ସବ ପରିଚାଳନା କମିଟି ପକ୍ଷରୁ ଓଡ଼ିଆ ନବବର୍ଷ ଉତ୍ସବ ପାଳିତ ହୋଇଯାଇଛି। କମିଟି ସଭାପତି ରମେଶ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଉପାଧକ୍ଷ ଦିଲୀପ କୁମାର ଦାସ ମହାପାତ୍ର, ମୁଖ୍ୟବକ୍ତା କୁଳିନ୍ଦା ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ସମ୍ମାନିତ ଅତିଥି ଭାବେ ଗଡିଘାଟୀ ସରପଞ୍ଚ ସୁକାନ୍ତି ମୁର୍ମୁ, ସାମାଜିକ କର୍ମୀ ସନ୍ତୋଷ ଦାସମହାପାତ୍ର, ସନ୍ତୋଷପୁର ସରପଞ୍ଚ ସଂଗ୍ରାମ ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଓଡ଼ିଆ ନବବର୍ଷ ପାଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଛାତ୍ରୀଛାତ୍ର ଓ ମହିଳାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ବାବୁରାମ ଦାସ, ଅଚ୍ୟୁତାନନ୍ଦ ଗିରି, ନିର୍ମଳ ଚନ୍ଦ୍ର ଦାସ, ସୁଶାନ୍ତ ପରିଡ଼ା, ମନ୍ମଥ ସାହୁ, ଖବରଦାତା ରଞ୍ଜନ କୁମାର ବେହେରା, ବଂଶୀଧର ସାହୁ ଏବଂ ଅଜିତ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ଡିସେମ୍ବର ସୁଦ୍ଧା ସରିବ କାନପୁର ଡ୍ୟାମ୍ କାମ'

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକଲେ ମୁଖ୍ୟ ଶାସନ ସଚିବ



ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, କେନ୍ଦୁଝର ଜିଲାପାଳ ଆଶିଷ୍ ଠାକ୍‌ରେ ଓ ଅନ୍ୟମାନେ।

କେନ୍ଦୁଝର/ଆନନ୍ଦପୁର, ୧୯।୪(ସ୍ୱ.ପ୍ର./ଡି.ଏନ୍.ଏ.)

ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ବୁଧବାର କେନ୍ଦୁଝର ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଅଗ୍ରଗତିର ସମୀକ୍ଷା କରିଛନ୍ତି। ଯୋଡ଼ା ବ୍ଲକ୍ କାନପୁର ଜଳସେଚନ ପ୍ରକଳ୍ପ ଗସ୍ତ କରି ଏହି ପ୍ରକଳ୍ପ ଡିସେମ୍ବର ସୁଦ୍ଧା ସରିବ ବୋଲି କହିଥିଲେ। ଏଥିସହ ଜିଲାରେ ଗମନାଗମନ, ଯାତାୟାତ ବ୍ୟବସ୍ଥା ଆଦି ଉପରେ ସମୀକ୍ଷା କରିଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ, ଓଡ଼ିଶା ମାଇନିଂ ସ୍କୁଲ କ୍ୟାମ୍ପସ ପରିଦର୍ଶନ କରି ସେଠାରେ ଭିତ୍ତିଭୂମି ବିକାଶ, ଶିକ୍ଷା ବ୍ୟବସ୍ଥା ଆଦି ଦେଖିବା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ବିଭିନ୍ନ ସୁବିଧା ଅସୁବିଧା ବୁଝିଥିଲେ। ମୁକୁନା ଗ୍ରାମକୁ ଯାଇ ମହିଳା ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କର ଆୟ କିପରି ଦ୍ୱିଗୁଣିତ ହୋଇଛି ସେ ବିଷୟରେ ଜାଣି ଖୁସିବ୍ୟକ୍ତ କରିଥିଲେ। ପୁରୁଣାବଜାରସ୍ଥିତ ବହୁ ପୁରାତନ ଶ୍ରୀ ଗୋପାଳ ଜୀଉ ପାଠାଗାରର ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ପରେ ଜିଲାପାଳଙ୍କ ମିନି କନଫରେନ୍ସ ହଲ୍‌ରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ବୈଠକରେ ଜିଲାପାଳ ଆଶିଷ ଠାକରେ, ଆଇଏଏସ୍ (ପ୍ରୋବେସନ) ଧ୍ମନ ଚକମାଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲାର ବୃହତ ଜଳସେଚନ ପ୍ରକଳ୍ପ କାନପୁର ଜଳସେଚନ ପ୍ରକଳ୍ପ ଚଳିତ ବର୍ଷ ଶେଷ ସୁଦ୍ଧା ଶେଷ ହେବ ବୋଲି କହିଥିଲେ। ଆନନ୍ଦପୁର ବ୍ୟାରେଜରୁ ପାଣି ବିଦ୍ୟାଧରପୁର ବ୍ୟାରେଜକୁ ଚଳିତ ଖରିଫ ଋତୁରେ ଛଡ଼ାଯିବ। ଏହାଦ୍ୱାରା ଖଣିଫ ଋତୁରେ ଚାଷୀମାନେ ଉପକୃତ ହୋଇପାରିବେ। ସେହିପରି ଆନନ୍ଦପୁର ବ୍ୟାରେଜ ଓ କାନପୁର ଡ୍ୟାମ ଉପର ପାର୍ଶ୍ୱରେ ଥିବା ଚାଷୀମାନଙ୍କୁ ମେଗା ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳ ଯୋଗାଇ ଦିଆଯିବ ବୋଲି ମତ ରଖିଥିଲେ। ବିଭିନ୍ନ ଗ୍ରାମ, ପଡ଼ା ତଥା ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ କିପରି ସର୍ବୁଦିନିଆ ଗମନାଗମନ ଓ ଯାତାୟାତ ବ୍ୟବସ୍ଥା ହୋଇପାରିବ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଆଦି ଉପରେ ଆଲୋଚନା କରିଥିଲେ।

## 'ଖୁବ୍‌ଶୀଘ୍ର ମନ୍ଦିର ଉନ୍ନତି, ପାର୍କିଂ ବ୍ୟବସ୍ଥା'

ଘଟଗାଁ,୧୯।୪(ଡି.ଏନ.ଏ)

ମୁଖ୍ୟଶାସନ ସଚିବ ପ୍ରଦୀପ ଜେନା କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ମନ୍ଦିର ବରିଷ୍ଠ ପୂଜକ ଶ୍ୟାମସୁନ୍ଦର ଦେହୁରୀ ମା'ଙ୍କ ନିକଟରେ ପୂଜା କରିବା ସହ ନଡ଼ିଆ ଭୋଗ ଲାଗି କରାଇଥିଲେ। ମୁଖ୍ୟ ଶାସନ ସଚିବ ମନ୍ଦିରରୁ ବାହାରିବା ବେଳେ ଘଟଗାଁ ପ୍ରେସ୍‌କ୍ଲବର ସଭାପତି ପ୍ରଦୀପ ଶା, ଖବରଦାତା ଭୀମସେନ ବଳ, ମା' ତାରିଣୀ ପରିଚାଳନା ବୋର୍ଡର ପୂର୍ବତନ ସଭାପତି ରାଜେନ୍ଦ୍ର ପଟ୍ଟନାୟକ ପ୍ରମୁଖ ସାକ୍ଷାତ କରି ତାରିଣୀ ମନ୍ଦିର ଉନ୍ନତିକରଣ ପାଇଁ ଦାବି ଜଣାଇଥିଲେ। ଖୁବ୍‌ଶୀଘ୍ର ମା'ଙ୍କ ମନ୍ଦିର ଉନ୍ନତିକରଣ କରାଯିବା ସହ ଶାଳବଣରେ କିପରି ପାର୍କିଂ ବ୍ୟବସ୍ଥା କରାଯିବ ସେ ନେଇ ପ୍ରକିୟା ଚାଲୁ ରହିଛି। ଖୁବ୍‌ଶୀଘ୍ର ଏହାକୁ ହାତକୁ ନିଆଯିବ ବୋଲି କହିଥିଲେ। ଏ ସମ୍ପର୍କରେ କେନ୍ଦୁଝର ଜିଲାପାଳଙ୍କୁ ତୁରନ୍ତ ପଦକ୍ଷେପ ନେବା ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ଘଟଗାଁ ଗସ୍ତ ଅବସରରେ ଜିଲାପାଳ ଆଶିଷ ଠାକ୍‌ରେ, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ପିଡି ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ଜନକ ନାୟକ, ବିଡିଓ ଉମାକାନ୍ତ ପରିଡ଼ା, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜିବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଡ୍ରାଇଭର ମୃତ, ହେଲ୍‌ପର ଗୁରୁତର

ବୈଶିଙ୍ଗା/ବେତନଟୀ,୧୯।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ନିକଟସ୍ଥ ଫ୍ଲାଏ ଓଭରବ୍ରିଜ୍ ଉପରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ଟ୍ରେଲର ଧକ୍କା ଦେବାରୁ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ହେଲପର ଗୁରୁତର ହୋଇଛନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁ ଓଭରବ୍ରିଜ ଉପରେ ଏକ ଇସ୍ପାତ ଛଡ ବୋଝେଇ ଟ୍ରକ୍ ଛିଡ଼ା ହୋଇଥିବା ବେଳେ ରାଜସ୍ଥାନରୁ ମାର୍ବଲ ବୋଝେଇ କରି ଆସୁଥିବା ଟ୍ରେଲର ପଛପଟୁ ଧକ୍କା ଦେଇଥିଲା। ଫଳରେ ଟ୍ରେଲର ଡ୍ରାଇଭର ରାଜସ୍ଥାନର ଆଲଓର୍ ନିବାସୀ ହାକିମ ଖାଁଙ୍କ ପୁଅ ଜୁନୈଦ ଖାଁ (୨୧)ଙ୍କ ମୃତ୍ୟୁ ହୋଇଯାଇଥିଲା। ହେଲପର ମହମ୍ମଦ ଖାନ କ୍ୟାବିନ ଭିତରେ ଚାପି ହୋଇ ରହି ଯାଇଥିଲେ। ଖବର ପାଇ ବୈଶିଙ୍ଗା ପୋଲିସ ପହଞ୍ଚି କ୍ରେନ ସାହାଯ୍ୟରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ.୧୬୮/୨୩) ରୁଜୁ ହୋଇଛି।

# କୋଇଲି ଓଷାର ଶେଷ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ



ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି।

ବାହାନଗା, ୧୯।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ କରଞ୍ଜାବିନ୍ଧା ଗ୍ରାମରେ ଅନୁଷ୍ଠିତ କୋଇଲି ଓଷାର ଉଦ୍‌ଯାପନୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମ ୩ଦିନ ଧରି ଚାଲିବ। ପ୍ରଥମ ଦିନରେ ଗ୍ରାମର ଯୁବକମାନଙ୍କ ଦ୍ୱାରା ମା' ସୁନ୍ଦର ଗୌରା ଗଣନାଟ୍ୟ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୨୦ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୋପାଳପୁର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ବିଜେଡିର ବ୍ଲକ କାର୍ଯ୍ୟକାରୀ ସଭାପତି ସୁମନ୍ତ ନାୟକ, ମହିଳାନେତ୍ରୀ ଶୁଭଶ୍ରୀ ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ହରିହାଟ ପରିଚାଳନା କମିଟି ସଭାପତି ନାଗେନ୍ଦ୍ର ବିଜୁଳି ସଭାପତିତ୍ୱ କରିଥିଲେ। ମହା ବିଷୁବ ସଂକ୍ରାନ୍ତି ଦିନ ଗ୍ରାମରେ ହରିହାଟ ପୋଥି ବସିଥାଏ। ସେଥିନିମନ୍ତେ ୭ଦିନ ଧରି ହରିଙ୍କ ନାମ ଓ ଭାଗବତ ପାଠ କରାଯାଇଥାଏ। ହରିହାଟ ତଥା କୋଇଲି ଓଷା ନିମନ୍ତେ ରାଧାକୃଷ୍ଣ ମନ୍ଦିର ପରିସରରେ ୭ଦିନ ଧରି ହଜିଯାଉଥିବା ଲୋକକଳା ପାଲା, ପ୍ରବଚନ ସମେତ ଯୁବକମାନଙ୍କ ଦ୍ୱାରା ଯାତ୍ରା ପରିବେଷଣ କରାଯାଉଛି। ମଙ୍ଗଳବାର ରାତିରେ ଉଦ୍‌ଘାଟନୀ ଉତ୍ସବରେ ଯାତ୍ରା 'ଭାଙ୍ଗିବ ପଥର ଯୋଡିବ କିଏ' ମଞ୍ଚସ୍ଥ ହୋଇଥିଲା। ଗ୍ରାମର ରାଧାକୃଷ୍ଣ ମନ୍ଦିର ଓ ହରିହାଟ ପରିସରକୁ ବିଭିନ୍ନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ହଳଧର ଦାସ, ବାସୁଦେବ ଦାସ, ଅରୁଣ ଯେନା, ଶିଶିର ଦଳେଇ, ବସନ୍ତ ଯେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ହରିହାଟ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ୧୪ ହାଇସ୍କୁଲ ୫-ଟି ରୂପାନ୍ତରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ

ତିହିଡ଼ି,୧୯।୪(ଡି.ଏନ.ଏ.)

ଭଦ୍ରକ ଜିଲା ତିହିଡ଼ି ବ୍ଲକର ୧୪ଟି ହାଇସ୍କୁଲର ୫-ଟି ରୂପାନ୍ତରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ୩ଟି ଓ ୨ୟ ପର୍ଯ୍ୟାୟରେ ୭ଟି ହାଇସ୍କୁଲର ୫-ଟି ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇଥିଲା। ୩ୟ ପର୍ଯ୍ୟାୟରେ ୭ଟି ହାଇସ୍କୁଲର କାର୍ଯ୍ୟ ଶେଷ ହୋଇଥିବାରୁ ମୋଟ ୧୪ ସ୍କୁଲର ଉଦ୍‌ଘାଟନ କାର୍ଯ୍ୟ ହେବ ବୋଲି ଜଣାପଡ଼ିଛି। ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ତତ୍ତ୍ୱାବଧାନରେ ଏବଂ ବିଡିଓ ଜ୍ୟୋର୍ତିମୟ କରଙ୍କ ତଦାରଖରେ ହାଇସ୍କୁଲଗୁଡିକର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୩ୟ ପର୍ଯ୍ୟାୟରେ ଅଚକ ହାଇସ୍କୁଲ, ବାହାବଳପୁର ହାଇସ୍କୁଲ, ଦହପାଣିଆ ହାଇସ୍କୁଲ, ବାସୁଳି ହାଇସ୍କୁଲ, କାଁପଡ଼ା, ଉମାଚରଣ ସହଯୋଗ ହାଇସ୍କୁଲ, ମହରମପୁର, ପାଳିଆବିନ୍ଧା ରାମାନୁଜ ବିଦ୍ୟାପୀଠ, ତାଳପଦା ସରକାରୀ ବାଳିକା ହାଇସ୍କୁଲର ୫-ଟି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି।

## ପୃଥକ ଭାବେ ପାଳିଲେ ବିଜୁବାବୁଙ୍କ ଶ୍ରାଦ୍ଧବାର୍ଷିକୀ

ରସାଳପୁର, ୧୯।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ଗେଙ୍ଗୁଟିପଞ୍ଚାୟତରେ ବିଜୁସ୍ମୃତିକମିଟିପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ ପୃଥକ ଭାବେ ପାଳିତ ହୋଇଯାଇଛି। ସ୍ମୃତି କମିଟି ଆବାହକ ଆଇନଜୀବୀ ବିଜୟ ଦାସଙ୍କ ନେତୃତ୍ୱରେ ପଳାସପୁର ଛକଠାରେ ପାଳନ କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ବ୍ରିତ୍ ଅଧ୍ୟକ୍ଷ ଗୌରୀ ରାଉତ, କବି କାଳିପଦ ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଉମିଳତା ଦାସ ଯୋଗ ଦେଇଥିଲେ। ଏହି ଅବସରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିସ୍ମୃତିକମିଟି ପକ୍ଷରୁ ସ୍ଥାପନ କରଯାଇଛି। ସନ୍ଧ୍ୟାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଉମିଳତା ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥିଗଣ ଯୋଗଦେଇ ଦିବଙ୍ଗତ ବିଜୁବାବୁଙ୍କ ଜୀବନ କାହାଣୀ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ସେହିପରି ଗେଙ୍ଗୁଟି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କ ନେତୃତ୍ୱରେ ସାଉଁ ହାଟ ପଡ଼ିଆରେ ବିଜୁ ସ୍ମୃତି କମିଟି ପକ୍ଷରୁ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା। ସଭାରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ, ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ, ସମିତିସଭ୍ୟା ପୁଷ୍ପାଶ୍ରୀ ରାଉତ, ରସାଳପୁର ପଞ୍ଚାୟତର ବିଜେଡି କର୍ମୀ ବିସ୍ମୟ ମହାନ୍ତି, ପଦ୍ମପୁର ପଞ୍ଚାୟତର ବିଜେଡ଼ି କର୍ମୀ ହଳଧର ଓ ଗେଙ୍ଗୁଟି ପଞ୍ଚାୟତ ପୂର୍ବତନ ସରପଞ୍ଚ ଶିବ ପ୍ରସାଦ ଦାସ ପ୍ରମୁଖ ବିଜୁ ପଟ୍ଟନାୟକଙ୍କ ଜୀବନଶୈଳୀ ଉପରେ ମତବ୍ୟକ୍ତ କରିଥିଲେ। ପୂର୍ବରୁ ସବୁ କର୍ମୀ ଏକ ହୋଇ ଶ୍ରାଦ୍ଧବାର୍ଷିକୀ ପାଳନ କରୁଥିବା ବେଳେ ୨୦୨୨ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ଚୟନକୁ ନେଇ କର୍ମୀଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି।




ବିଜୁ ବାବୁଙ୍କ ଶ୍ରାଦ୍ଧଦିବସ ପାଳନ ଅବସରରେ ଅତିଥିଗଣ।

# ଓଡ଼ିଶା ଦକ୍ଷତା ସମ୍ମିଳନୀ: ଭଦ୍ରକରୁ ଯୋଗଦେବେ ୫୦

ଭଦ୍ରକ ଅଫିସ, ୧୯।୪

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡ଼ିୟମ୍‌ଠାରେ ଆୟୋଜିତ ହେବାକୁ ଥିବା ଓଡ଼ିଶା ଦକ୍ଷତା ସମ୍ମିଳନୀ-୨୦୨୩ରେ ଯୋଗ ଦେବା ପାଇଁ ଭଦ୍ରକ ଜିଲାରୁ ୫୦ ଜଣ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ୩୦ ବିଦ୍ୟାର୍ଥୀ, ୧୦ ଶିକ୍ଷକ ଓ ଅତିଥିଭାବେ ୧୦ ପ୍ରଶାସନିକ ଅଧିକାରୀ। ତିହିଡ଼ି ବ୍ଲକ୍‌ର ଦହପାଣିଆ ଏସ୍‌ସି ଏସ୍‌ଟି ହଷ୍ଟେଲ୍‌ରୁ ୫ ଛାତ୍ରୀ ଓ ୫ ଛାତ୍ର, ଯୁକ୍ତ ଦୁଇ ବିଦ୍ୟାର୍ଥୀ ବର୍ଗରେ ୫ ଛାତ୍ର ଓ ୫ ଛାତ୍ରୀ, ଆଇଟିଆଇ ଓ ପଲିଟେକନିକ୍ ବିଦ୍ୟାର୍ଥୀ ଭାବେ ମଧ ୧୦ ଜଣଙ୍କୁ ମନୋନୀତ କରାଯାଇଛି। ସେହିପରି ଏହି ସମ୍ମିଳନୀରେ ଅତିଥି ଭାବେ ଜିଲାପାଳ, ଦୁଇ ଅତିରିକ୍ତ ଜିଲାପାଳ, ଜିଲା ନିଯୋଜନ ଅଧିକାରୀ, ଜିଏମ୍‌ଡିଆଇସି, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ଶିକ୍ଷାଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଆଦାନୀ ପୋର୍ଟର ସିନିୟର ଅଫିସର ଏବଂ ସରକାରୀ ପଲିଟେକ୍‌ନିକ୍ ଭଦ୍ରକର ଅଧ୍ୟକ୍ଷ ମନୋନୀତ ହୋଇଛନ୍ତି। ବୁଧବାର ଓଏସ୍‌ଆରଟିସି ବସ୍ ଦ୍ୱାରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଅତିରିକ୍ତ ଉପଜିଲାପାଳଲକ୍ଷ୍ମୀପ୍ରସାଦସାହୁଓଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କରିଥିଲେ।




ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ର।

## ଚୋରି ଅଭିଯୋଗରେ ୫ କୋର୍ଟଚାଲାଣ

ବେତନଟୀ,୧୯।୪(ଡି.ଏନ.ଏ.)

ବେତନଟୀ ଥାନା ଅଧୀନ ତାରାକୋଠି ପୁରୁଣାପାଣି ନିକଟସ୍ଥ ଇଲେକ୍ଟ୍ରି ଗ୍ରୀଡ୍‌ରେ ଥିବା ଟାୱାରରୁ ସପଟ ଆଙ୍ଗେଲ ଚୋରି ଘଟଣାରେ ବେତନଟୀ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଅଲୋକ ମହାନ୍ତ, ତପନ କୁମାର ମହାନ୍ତ, ପରେମଶ୍ୱର ମହାନ୍ତ,ଏସ୍‌କେ ଜୟାରୁଦ୍ଦିନ ଓ ଦୟାନିଧି ବେହେରା। ଇଲେକ୍ଟ୍ରି ଗ୍ରୀଡ୍‌ର ସବ୍ ଡିଭିଜିନାଲ ଅଫିସର ଶରତ ଚନ୍ଦ୍ର ବେହେରାଙ୍କ ଏତେଲା କ୍ରମେ ଥାନାରେ ଏକ ମାମଲା(ନଂ.୧୫୧/୨୩)ରୁଜୁହୋଇଛି।

## ରାଇବଣିଆ ଦୁର୍ଗରେ ପର୍ଯ୍ୟଟନ ବିଭାଗର ଉଚ୍ଚସ୍ତରୀୟ ଟିମ୍

ରାଇବଣିଆ,୧୯।୪

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଦୁର୍ଗର ବିକାଶ ଲାଗି ଅଣ୍ଟା ଭିଡିଛି ପର୍ଯ୍ୟଟନ ବିଭାଗ। ଏକ ଉଚ୍ଚସ୍ତରୀୟ ଟିମ୍ ମଙ୍ଗଳବାର ରାଇବଣିଆ ଦୁର୍ଗ ଗସ୍ତରେ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ଟିମ୍‌ରେ ଓଡ଼ିଶା ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ। ଦୁର୍ଗ ପାଇଁ ୨୦କୋଟି ଟଙ୍କାର ଡିପିଆର୍ ପ୍ରସ୍ତୁତି ସରିଥିବା ବେଳେ ୫ କୋଟି ମଞ୍ଜୁର ହେଇଛି ବୋଲି ମନ୍ତ୍ରୀ କହିଛନ୍ତି। ତାଙ୍କ ସହିତ ଜଳେଶ୍ୱର ବିଡ଼ିଓ ପୁନମ ରାଉତ, ଜଳେଶ୍ୱର ବ୍ଲକ ବିଜେଡ଼ି ସଭାପତି ଦିଲୀପ ସାସମଲ୍ ଓ ମନ୍ତ୍ରୀଙ୍କ ଜଳେଶ୍ୱର ପ୍ରତିନିଧି ବ୍ରିଜେଶ ରଣା ପ୍ରମୁଖ ଉପସ୍ଥିତ ଥିଲେ।



ରାଇବଣିଆ ଦୁର୍ଗରେ ପର୍ଯ୍ୟଟନ ବିଭାଗର ଉଚ୍ଚସ୍ତରୀୟ ଟିମ୍ ଅନୁଧ୍ୟାନ କରୁଛି।

## ପୂର୍ବତନ ସେନା କର୍ମଚାରୀଙ୍କ ପରଲୋକ

ଖୁଣ୍ଟା,୧୯।୪(ଡି.ଏନ.ଏ.)

ଗୋପବନ୍ଧୁ ନଗର ବ୍ଲକ ଅଧୀନ ଶିଳଘାଟୀ ପଞ୍ଚାୟତର ବଣକାଟୀ ଗ୍ରାମର ପୂର୍ବତନ ସେନା କର୍ମଚାରୀ ଅର୍ଜ୍ଜୁନ ସରେନ(୬୭)ଙ୍କ ମଙ୍ଗଳବାର ଅପରାହ୍ନରେ ପରଲୋକ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯିବା ସହ ଜିଲା ଅବସର ପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ଶେଷ ସମ୍ମାନ ପ୍ରଦାନ କରାଯାଇଛି। ସେ ୧୯୭୪ରେ ବିହାର ରେଜିମେଣ୍ଟରେ ସିପାହୀ ଭାବେ ନିଯୁକ୍ତି ପାଇଥିବା ବେଳେ ୧୯୯୧ରେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଜିଲା ଅବସର ପ୍ରାପ୍ତ ସେନା କର୍ମଚାରୀ ସଂଘର ସଦସ୍ୟ ପରମେଶ୍ୱର ମହାନ୍ତ, ମନୋଜ ସିଂ, ଖୁଣ୍ଟା ବ୍ଲକର ଅବସର ପ୍ରାପ୍ତ ସେନାକର୍ମଚାରୀ ଜୟଦୀପ ସାହୁ ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରିଥିଲେ।

# ମା' ନାରାୟଣୀ ଚଣ୍ଡୀଙ୍କ ମେରୁଯାତ୍ରା ଉଦ୍‌ଯାପିତ

ବାରିକପୁର,୧୯।୪(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତ ଅଧୀନ ମଙ୍ଗୁଳିଆ ସାହି ଗ୍ରାମରେ ବୈଶାଖ ପଣା ସଂକ୍ରାନ୍ତିଠାରୁ ୪ ଦିନ ଧରି ଚାଲିଥିବା ମା' ନାରାୟଣୀ ଚଣ୍ଡୀଙ୍କର ବୈଶାଖୀ ବା ମେରୁଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ବର୍ତ୍ତମାନର ଜଗନ୍ନାଥପୁର ଗ୍ରାମର ଅନତି ଦୂରରେ ମା'ଙ୍କର ଆସ୍ଥାନ ଅଛି। ପ୍ରାୟ ୨ଶହ ବର୍ଷ ତଳେ ଏକ ଘଞ୍ଚ ଜଙ୍ଗଲ ମଧ୍ୟରେ ସ୍ୱୟଂ ମା' ନାରାୟଣୀ ଚଣ୍ଡୀ ଆର୍ବିଭାବ ହୋଇଥିଲେ ବୋଲି ବିଶ୍ୱାସ ରହିଛି। ସେଠାରେ କଚେରୀ ଡ଼ିହ, ଚଣ୍ଡୀ ପୋଖରୀ, ମା'ଙ୍କ ସାନ ଭଉଣୀ ମା' ଚଣ୍ଡୀ ସୁରକ୍ଷା ନିମନ୍ତେ ଥିଲେ। ଏକଦା ଉକ୍ତ ଗ୍ରାମର ଲୋକେ ଏବଂ ଗୃହ ପାଳିତ ପଶୁ ପକ୍ଷୀ ଦୁରାରୋଗ୍ୟରେ ଆକ୍ରାନ୍ତ ହେବାରୁ ବୈଦ ଆରୋଗ୍ୟ କରି ପାରିଲାନାହିଁ। ଏପରି ଘଡ଼ିସନ୍ଧି ସମୟରେ ସ୍ୱୟଂ ମା' ନାରାୟଣୀ ଚଣ୍ଡୀ ଆର୍ବିଭାବ ହୋଇ ପଣା ଦେଇ, ଯଜ୍ଞ ଓ ଚଣ୍ଡୀ ପାଠ କରିବା ପାଇଁ ସ୍ୱପ୍ନାଦେଶ କଲେ। ଏପରି କରିବା ପରେ ସମସ୍ତେ ଆରୋଗ୍ୟ ହେଲେ ବୋଲି ଲୋକକଥା ରହିଛି। ସେହିଦିନଠାରୁ ପ୍ରତି ବର୍ଷ ବୈଶାଖ ପଣା ସଂକ୍ରାନ୍ତି ଆଗଦିନ ରାତିରୁ କଳସ ପୂଜା ଆଦି ପରମ୍ପରା ୪ ଦିନ ଧରି ଚାଲେ। ରାତିରେ ପାଲା, ଯାତ୍ରା, ଭଜନ ସନ୍ଧ୍ୟା ଓ ପ୍ରବଚନ ଆଦି ହୁଏ। ଏଠାରେ ପ୍ରାୟ ୧୦ ଖଣ୍ଡ ଗ୍ରାମରୁ ଅନେକ ହଜାର ଲୋକଙ୍କର ସମାଗମ ହୋଇଥାଏ। ଭକ୍ତ, ଶ୍ରଦ୍ଧାଳୁ ଓ ମାନସିକଧାରି କୁହନ୍ତି, ମା'ଙ୍କର ମହିମା ଅପାର। ଲୋକଙ୍କ ମଙ୍ଗଳ ନିମନ୍ତେ ମା' ନାରାୟଣୀ ଚଣ୍ଡୀଙ୍କର ଆର୍ବିର୍ଭାବ ହେତୁ ଗାଁର ନାମ ମଙ୍ଗୁଳିଆ ସାହି ହୋଇଛି। ମା' ନାରାୟଣୀ ଚଣ୍ଡୀଙ୍କର ଏହି ଯାତ୍ରାକୁ ବୈଶାଖୀ ବା ମେରୁ ଯାତ୍ରା କୁହାଯାଏ।



ନାରାୟଣୀ ଚଣ୍ଡୀଙ୍କ ମେରୁଯାତ୍ରା।

## ଗଛରୁ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ରୂପସା/ବସ୍ତା, (ଡି.ଏନ.ଏ.): ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ମୁଳିଦା ଗ୍ରାମର ମୃତ୍ୟୁଞ୍ଜୟ ମାଇତି (୭୦) ବୁଧବାର ଗଛରେ ଚଢ଼ି ଆମ୍ବ ତୋଳୁଥିବା ବେଳେ ଖସି ପଡ଼ିଥିଲେ। ତାଙ୍କୁ ପରିବାର ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସଂକ୍ଷେପରେ

### ଝିଅ ଚାକିରିରେ ନିଯୁକ୍ତି ଦିନ ଆଖିବୁଜିଲେ ବାପା

ଖଇରା, ୧୯।୪(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋଳିହା ପଞ୍ଚାୟତ ଅଧୀନ କଣ୍ଟାବଣିଆ ଗ୍ରାମରେ ଏକ ଆଦିବାସୀ ପରିବାରର ଝିଅ ପ୍ରଥମ ସରକାରୀ ଚାକିରି ପାଇବାର ଖୁସି ମନାଇପାରିଲେନି। ନିଯୁକ୍ତି ଦିନ ହିଁ ତାଙ୍କ ବାପା କୈଳାସ ସିଂ ଆଖିବୁଜିବା ଘଟଣା ସମଗ୍ର ଗୋଳିହା ପଞ୍ଚାୟତବାସୀଙ୍କୁ ଶୋକାଭିଭୂତ କରିଛି। କୈଳାସଙ୍କ ଝିଅ ନନ୍ଦିନୀ କଳିଙ୍ଗ ଉତ୍କଳ ଡିଫେନ୍ସ ଏକାଡେମୀରେ ମାଗଣାରେ ତାଲିମ ନେଉଥିଲେ। ବାଲେଶ୍ୱର ଜିଲା ପୋଲିସରେ କନଷ୍ଟେବଲ ଚାକିରି ପାଇଁ ମନୋନୀତ ହେବା ପରେ ୧୭ ତାରିଖରେ ଯୋଗ ଦେବାକୁ ଚିଠି ଆସିଥିଲା । ସେ ଭୋରରୁ ଉଠି ବାଲେଶ୍ୱର ଚାଲିଯାଇଥିଲେ। ହେଲେ ସେଠାରେ କାର୍ଯ୍ୟ ଆରମ୍ଭର କିଛି ସମୟ ମଧ୍ୟରେ ତାଙ୍କ ବାପା କୈଳାସ ଆଖି ବୁଜିଥିବା ଖବରପାଇଥିଲେ। ଦୁଃଖରେ ଭାଙ୍ଗିପଡିଥିଲେ । ଅଧିକାରୀମାନେ ମଧ୍ୟ ତାଙ୍କୁ ଗାଡିରେ ଆଣି ଘରେ ଛାଡିଥିବା ଜଣାପଡିଛି।

### ଦୋଷୀଙ୍କୁ ୧୦ ବର୍ଷ ଜେଲ

#### ନାବାଳିକା ବଳାତ୍କାର ମାମଲା

ବାରିପଦା ଅଫିସ,୧୯।୪-ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସୁମିତା ଜେନା ଏହାର ବିଚାର କରି ଦୋଷୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ ଓ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତିତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ଲକ୍ଷ ଟଙ୍କା ସହାୟତା ଦେବାକୁ ଜିଲା ଆଇନ ସେବା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାଙ୍ଗରିପୋଷି ଥାନା ଅଧୀନ ଗୋଷାଣିପାଳ ଗ୍ରାମର କାହ୍ନୁ ସିଂ(୨୫)। ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ଏପ୍ରିଲ ୧୪ ଅପରାହ୍ନରେ ଅଭିଯୁକ୍ତ କାହ୍ନୁ ପୀଡ଼ିତା ନାବାଳିକାଙ୍କୁ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିବା ସହ ଘରେ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଅଭିଯୁକ୍ତ ଜଣକ ଅନ୍ୟ ଜଣେ ଝିଅକୁ ଧରି ଫେରାର ହୋଇଯାଇଥିଲେ। ଏନେଇ ପୀଡ଼ିତାଙ୍କ ବାପା ସେହିବର୍ଷ ମାର୍ଚ୍ଚ ୧୮ରେ ଉଦଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୯୭/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୀଡ଼ିତାଙ୍କ ବୟାନ ରେକର୍ଡ କରିବା ସହ ଅଭିଯୁକ୍ତ କାହ୍ନୁଙ୍କୁ ଅକ୍ଟୋବର ୨୫ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାକୁ ପୋକ୍ସୋ କୋର୍ଟ ଆଇନଜୀବୀ ଅଭିନ୍ନ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ ।

### ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଦାବିପତ୍ର

ଭଦ୍ରକ ଅଫିସ,୧୯।୪- ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଏକ ଦାବିପତ୍ର ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ସଭାପତି ଡା. ହରେକୃଷ୍ଣ ନାୟକ, ଆବାହକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସୁଧାକର ରାଉତ, କାର୍ଯ୍ୟକାରୀ କମିଟି ସଦସ୍ୟ ଡ. ରାଧାରାଣୀ ମହାପାତ୍ର, ଗୀତାରାଣୀ ଆଇଚ, ଅମର ପାଣିଗ୍ରାହୀ,ଡା. ପ୍ରଦୀପ କୁମାର ନାୟକ, କୈଳାସ ମହାପାତ୍ର, ବସନ୍ତ ମହାନ୍ତି, ସନ୍ତୋଷ ଦାସ, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହ ଆଲୋଚନା କରିଥିଲେ।

### ଭାଲୁ ଆକ୍ରମଣରେ ବାପ-ପୁଅ ଗୁରୁତର

କେନ୍ଦୁଝର,୧୯।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ସଦର ରେଞ୍ଜ ଅନ୍ତର୍ଗତ ପଳାଶପଙ୍ଗା ପଞ୍ଚାୟତ ସତେଇଭଞ୍ଜ ପାହାଡ଼ ପାର୍ଶ୍ୱ ନିକଟବର୍ତ୍ତୀ ଶ୍ରୀ ଜଗନ୍ନାଥ କାରଖାନା ରାସ୍ତା ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ଭାଲୁ ଆକ୍ରମଣରେ ବାପ-ପୁଅ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ କାଉଁରୀକଳା ପଞ୍ଚାୟତ ଖୁଣ୍ଟାପଡ଼ା ଗ୍ରାମର ଦୁଲ୍ଲଭ ମୁଣ୍ଡା(୪୫) ଓ ତାଙ୍କ ସାନପୁଅ ଜେମସ ମୁଣ୍ଡା(୮)। ବଡ଼ପୁଅ ତୁଷାର ମୁଣ୍ଡା(୧୨)ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗୁରୁତର ବାପ-ପୁଅଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପଳାସପଙ୍ଗା ଫରେଷ୍ଟର ଜୟକୃଷ୍ଣ ଦାସଙ୍କୁ ପଚାରିବାରୁ ଗୁରୁତରଙ୍କୁ ବନବିଭାଗ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ପୁନରୁଦ୍ଧାର ହେବ ଉତ୍କଳମଣିଙ୍କ ବାସଭବନ

- କ୍ଷେତ୍ର ପରିଦର୍ଶନ କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ
- ୩ କୋଟି ଅଟକଳରେ ବଦଳିବ ରୂପରେଖ

ବାରିପଦା ଅଫିସ,୧୯।୪



ଉତ୍କଳମଣିଙ୍କ ବାସଭବନ ପରିଦର୍ଶନ କରୁଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲା ବାରିପଦା ପୌରପରିଷଦର ପ୍ରଥମ ଉପାଧ୍ୟକ୍ଷ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବାସଭବନର ପୁନରୁଦ୍ଧାର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ବୁଧବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କ୍ଷେତ୍ର ପରିଦର୍ଶନରେ ଆସି ଜିଲା ପ୍ରଶାସନ ସହିତ ଆଲୋଚନା କରିବା ସହ ସମୀକ୍ଷା କରିଛନ୍ତି। ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଭବନର ନବୀକରଣ ସହ ଜବରଦଖଲ ଉଚ୍ଛେଦ କରିବାକୁ ମ୍ୟୁନିସିପାଲିଟି ଅଧ୍ୟକ୍ଷ ଓ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନୂତନ ପ୍ରକଳ୍ପ ପ୍ରସ୍ତୁତ କରି ଟେଣ୍ଡର ଆହ୍ୱାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଗଡ଼ଜାତ ଶାସନ ସମୟରେ ତତ୍କାଳୀନ ମହାରାଜା ଶ୍ରୀରାମଚନ୍ଦ୍ର ଅଭାବରୁ ଦୀର୍ଘ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିଲା। ଚତୁଃପାର୍ଶ୍ୱ ଜବରଦଖଲକାରୀଙ୍କ କବଜାରେ ରହିଥିବା ବାସଭବନଟି ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା। ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ବାସଭବନକୁ ପୁନରୁଦ୍ଧାର କରିବା ପାଇଁ ତତ୍ପରତା ପ୍ରକାଶ ପାଇଛି। ଏକ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇ ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରାଯାଇଥିବା ବେଳେ ସଚିବଙ୍କ ଗସ୍ତ ପରେ ତାହା ପରିବର୍ତ୍ତନ କରାଯାଇ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ପ୍ରସ୍ତୁତ କରିବାକୁ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି । ତେବେ ଏହି ବାସଭବନ ଦେବୋତ୍ତର ବିଭାଗ ଅଧୀନରେ ରହିଥିବା ବେଳେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରି ୮ମାସ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଚିବଙ୍କ ଏହି ଗସ୍ତ ସମୟରେ ଜିଲାପାଳ ବିନୀତ ଭରଦ୍ୱାଜ, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଉପଜିଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ସିନିଅର ସିଟିଜେନର ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଓ ଉପଦେଷ୍ଟା ଡ.ବିଜୟ କୁମାର ଅଗ୍ରୱାଲ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ପ୍ରଶ୍ନକୁମାର



@ନିଲୁ



@ସତ୍ୟପ୍ରିୟା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଏଫ୍ଏମ୍ ବିଶ୍ୱବିଦ୍ୟାଳୟରେ ଖୋଲିବ ରାଇବଣିଆଗଡ଼ ଗବେଷଣା କେନ୍ଦ୍ର



ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ରାଇବଣିଆଗଡ଼ ସୁରକ୍ଷା କମିଟିର ସଦସ୍ୟଗଣ ।

ବାଲେଶ୍ୱର ଅଫିସ, ୧୯।୪

ବାଲେଶ୍ୱର ଜିଲା ରେମୁଣା ନୂଆପାଡ଼ାସ୍ଥିତ ଫକୀରମୋହନ (ଏଫ୍ଏମ୍) ବିଶ୍ୱବିଦ୍ୟାଳୟରେ ଖୋଲିବ ରାଇବଣିଆଗଡ଼ ଗବେଷଣା କେନ୍ଦ୍ର। ଏନେଇ ଗଡ଼ ସୁରକ୍ଷା କମିଟିକୁ ପ୍ରତିଶ୍ରୁତି ଦେଇଛନ୍ତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ।

ରାଇବଣିଆଗଡ଼ କେବଳ ଓଡ଼ିଶା ନୁହେଁ, ସମଗ୍ର ପୂର୍ବ ଭାରତର ସବୁଠୁ ବଡ଼ ଦୁର୍ଗ। ଏହି ଦୁର୍ଗକୁ ନେଇ ଅନେକ ପୌରାଣିକ ଓ ଐତିହାସିକ ଲୋକକଥା ରହିଛି। ମାତ୍ର ଏହାକୁ ନେଇ ପ୍ରକୃତ ବିଜ୍ଞାନସମ୍ମତ ତଥ୍ୟ ଆଜି ପର୍ଯ୍ୟନ୍ତ ଲୁକ୍କାୟିତ ହୋଇରହିଛି। ସେଥିପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ବିଶିଷ୍ଟ ସାମାଜିକ କର୍ମୀ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ରାଇବଣିଆ ଦୁର୍ଗ ସୁରକ୍ଷା ଓ ଆଞ୍ଚଳିକ ଉନ୍ନୟନ ସଙ୍ଗଠନର ପ୍ରତିନିଧିମାନେ ବୁଧବାର କୁଳପତିଙ୍କୁ ସାକ୍ଷାତ କରି ରାଇବଣିଆଗଡ଼କୁ ନେଇ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ। କୁଳପତି ସେମାନଙ୍କ ଅନୁରୋଧକୁ ଗ୍ରହଣ କରିବା ସହିତ ବିଶ୍ୱବିଦ୍ୟାଳୟର ଇତିହାସ, ନୃତତ୍ତ୍ୱ ଓ ପ୍ରତ୍ନତତ୍ତ୍ୱ ବିଭାଗର ମିଳିତ ସହଯୋଗରେ ଏହି ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଭାରତୀୟ ଜାତୀୟ କଳା, ସଂସ୍କୃତି ଓ ଐତିହ୍ୟ ଟ୍ରଷ୍ଟକୁ ଏଥିରେ ସାମିଲ କରାଯିବ। ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟ ତରଫରୁ ଏକ ଅଭିଜ୍ଞ ବୈଷୟିକ ଦଳ ରାଇବଣିଆ ଗସ୍ତ କରି ଦୁର୍ଗ ପରିଦର୍ଶନ କରିବେ ବୋଲି ଜଣାପଡ଼ିଛି। କୁଳପତିଙ୍କ ସହ ଆଲୋଚନା ବେଳେ କମିଟି ସଭାପତି ପ୍ରଫୁଲ୍ଲ ସୁର୍, ସମ୍ପାଦକ ଡ. ଶ୍ରୀକାନ୍ତଚରଣ ପାତ୍ର, ନାରାୟଣ ପ୍ରସାଦ ଦାସ, ଆଦିକନ୍ଦ ପ୍ରଧାନ, ଚିତ୍ତରଞ୍ଜନ ରାଉତ, ହେମନ୍ତ ଗିରି ଓ ରାହୁଲ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ରାଇରଙ୍ଗପୁର,୧୯।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳ କୁଚେଇବୁଢ଼ୀ ତଳସାହି ବସ୍ତି ଅଞ୍ଚଳର ଜଣେ ଯୁବକଙ୍କ ବେଙ୍ଗାଲୁରରେ ମୃତ୍ୟୁ ହୋଇଛି। ବୁଧବାର ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ମୃତକ ହେଲେ ସୁଶାନ୍ତ ମହାକୁଡ଼(୨୪)।

ସୂଚନା ଅନୁଯାୟୀ, ସୁଶାନ୍ତ ବେଙ୍ଗାଲୁରର ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ। ଗତ ରବିବାର ସେ ଘରକୁ ଆସିବା ପାଇଁ ଟ୍ରେନ ଟିକେଟ କରି ସାରିଥିବା ବେଳେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। କମ୍ପାନୀର ଅନ୍ୟ କର୍ମଚାରୀମାନେ ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁକୁ ପଠାଇଥିଲେ। ସୁଶାନ୍ତ ପରିବାରର ଏକମାତ୍ର ରୋଜଗାରକ୍ଷମ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## 'କବି ବାଞ୍ଛାନିଧି ଥିଲେ ବିପ୍ଳବର ବହ୍ନି ଶିଖା'

ବାସୁଦେବପୁର,୧୯।୪(ଡି.ଏନ.ଏ.)



ଅନୁଷ୍ଠିତ ସମାରୋହରେ ଉପସ୍ଥିତ ଅତିଥି।

ଭଦ୍ରକ ଜିଲା ବାସୁଦେବପୁର ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ 'ସ୍ରଷ୍ଟା ଓ ସୃଷ୍ଟି' ପକ୍ଷରୁ ବିପ୍ଳବୀ କବି ବାଞ୍ଛାନିଧି ମହାନ୍ତିଙ୍କ ଶ୍ରାଦ୍ଧ ସମାରୋହ ସହ ସାହିତ୍ୟ ଅନୁଷ୍ଠାନର ବାର୍ଷିକ ସମାରୋହ ବୁଧବାର ଅଟଳ ବିହାରୀ ହାଇସ୍କୁଲ ହଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଆକାଶବାଣୀର ଗୀତିକାର ପୀତାମ୍ବର ମିଶ୍ର ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବା ସହ କବି ବାଞ୍ଛାନିଧି ମହାନ୍ତି ଜଣେ ଜାତୀୟବାଦୀ ଚିନ୍ତା ଚେତନାର ବ୍ୟକ୍ତିତ୍ୱ ତଥା ବିପ୍ଳବର ବହ୍ନି ଶିଖା ଥିଲେ। ସ୍ୱାଧୀନତା ସଂଗ୍ରାମୀ ଭାବେ ସେ ଯେଉଁ ବୈପ୍ଳବିକ ସଙ୍ଗୀତ ରଚନା କରିଥିଲେ ତାହା ତାଙ୍କୁ ସବୁଦିନ ପାଇଁ ସ୍ମରଣୀୟ କରି ରଖିବ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ କବି ବାଞ୍ଛାନିଧି ମହାନ୍ତି ଥିଲେ ଆମ ଦେଶ ଓ ଜାତି ପାଇଁ ଗର୍ବ ଓ ଗୌରବ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ତଥା ପୂର୍ବତନ ପ୍ରଧାନଶିକ୍ଷକ ଦୁଃଶାସନ ରାଉତଙ୍କ ସଭାପତିତ୍ୱରେ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ରତ୍ନାକର ବାରିକ, ପୂର୍ବତନ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମିଶ୍ର, ଅନୁଷ୍ଠାନ ସମ୍ପାଦକ ତଥା ବରିଷ୍ଠ ଖବରଦାତା ସତ୍ୟପ୍ରିୟ ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉପସଭାପତି ତଥା ଖବରଦାତା ନାରାୟଣ ପ୍ରସାଦ ବାରିକ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ପୀତାମ୍ବର ପଣ୍ଡା, କବି ପ୍ରହ୍ଲାଦ ବାରିକ, ଗାଳ୍ପିକ ସୁଦର୍ଶନ ସାମଲ, ଡ. ବସନ୍ତ ଦାସ, ଭରତ ଚନ୍ଦ୍ର ମହାନ୍ତି, ନିରଞ୍ଜନ ବିଶ୍ୱାଳ, ତପନ ମିତ୍ର, ଚାରୁଲତା ମିଶ୍ର, ଶାନ୍ତିଲତା ପଣ୍ଡା, ସୁମତୀରାଣୀ ବାରିକ, ଡ. ମୀରାଶ୍ରୀ ମହାନ୍ତି, ଅଧ୍ୟାପିକା ପଦ୍ମଜା ମହାନ୍ତି, ସ୍ୱପ୍ନାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କବିତା ପାଠ କରିଥିଲେ। କବି ରଞ୍ଜନ ନାୟକ, ବାଇଚଢ଼େଇର ସମ୍ପାଦକ ବିକାଶ ଶତପଥି, ଅନୁଷ୍ଠାନର ସହସମ୍ପାଦକ ନିରଞ୍ଜନ ସେଠୀ କବିତା ସଂଯୋଜନା କରିଥିଲେ। ଉଦୟ ଜେନା କବିତା ମାଧ୍ୟମରେ ବକ୍ତବ୍ୟ ରଖିଥିବା ବେଳେ କବି ପ୍ରଦୀପ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସର ସତ୍ୟାଗ୍ରହ

### ବେଦାନ୍ତ ବିଶ୍ୱବିଦ୍ୟାଳୟକୁ ଅନୁକମ୍ପା ପ୍ରସଙ୍ଗ

କେନ୍ଦୁଝର,୧୯।୪(ସ୍ୱ.ପ୍ର.)

ବେଦାନ୍ତ ବିଶ୍ୱବିଦ୍ୟାଳୟକୁ ଅନୁକମ୍ପାମୂଳକ ଭାବେ ଶାଗମାଛ ମୂଲ୍ୟରେ ଜମି ଯୋଗାଇବା ଓ ଦୁର୍ନୀତିକୁ ପ୍ରୋତ୍ସାହନ କରୁଥିବା ଭାଜପା ଓ ବିଜେଡି ସରକାର ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜୟ ଭାରତ ସତ୍ୟାଗ୍ରହ କରାଯାଇଛି। ଶତାଧିକ ଯୁବ ଓ ଛାତ୍ର କଂଗ୍ରେସ କର୍ମୀମାନେ ପିସିସି ସମ୍ପାଦକ ସଂଗ୍ରାମ ଦାସଙ୍କ ସଭାପତିତ୍ୱରେ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏଥିରେ ପିସିସି ପର୍ଯ୍ୟବେକ୍ଷକ ତଥା ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ ଯୋଗ ଦେଇଥିଲେ। ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ଘଟଗାଁ ବ୍ଲକ୍ କଂଗ୍ରେସ ସଭାପତି ପ୍ରଭାକର ନାୟକ, ଜିଲ୍ଲା କଂଗ୍ରେସ ଉପସଭାପତି ବସନ୍ତ ଦାସ, ଜିଲ୍ଲା ସେବାଦଳ ଅଧ୍ୟକ୍ଷ ବୀରଭଦ୍ର ମହାନ୍ତ, ଜିଲ୍ଲା ରାଜୀବଗାନ୍ଧୀ ପଞ୍ଚାୟତରାଜ ଅଧ୍ୟକ୍ଷ ସୁଦର୍ଶନ ପାଇକରାୟ, ବ୍ଲକ୍ ସଭାପତି ମୁକୁନ୍ଦ ଚରଣ ମହାନ୍ତ, ଉତ୍ତମ ସାହୁ, ବରିଷ୍ଠ କଂଗ୍ରେସ ନେତା ଦିଲ୍ଲୀପ ସାହୁ, ଭାଗିରଥି ସାହୁ, ଉତ୍ତମ ପଲେଇ, ଏସ୍ ଶକ୍ତିସ୍ୱରୂପ, ସଂଗ୍ରାମ ବେହେରା, ମାନସ ବେହେରା, ତ୍ରିଲୋଚନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ମାଟ୍ରିକ ପରୀକ୍ଷାର ୨୨ଦିନ ପରେ ମିଳିଲା ଉତ୍ତରଖାତା

ସିମୁଳିଆ,୧୯।୪(ଡି.ଏନ୍.ଏ.)

ମାଟ୍ରିକ ପରୀକ୍ଷାର ଫଳାଫଳ ଖୁବଶୀଘ୍ର ପ୍ରକାଶ ପାଇବା ଲାଗି ସରକାର ଘୋଷଣା କରିଛନ୍ତି। ଏନେଇ ପରୀକ୍ଷାଖାତା ମୂଲ୍ୟାୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ଜାମୁଝାଡିର ଦାମୋଦର ହାଇସ୍କୁଲ କେନ୍ଦ୍ରରେ ପରୀକ୍ଷା ଦେଇଥିବା ଜଣେ ପରୀକ୍ଷାର୍ଥୀଙ୍କ ଉପସ୍ଥାନ ତାଲିକାରେ ରୋଲ ନମ୍ବର ଓ ଦସ୍ତଖତ ଥିବା ବେଳେ ତାଙ୍କ ଉତ୍ତରଖାତା ମିଳି ନ ଥିଲା। ପରେ ଖୋଳତାଡ କରାଯାଇ ୨୨ଦିନ ପରେ ଉକ୍ତ ଛାତ୍ରୀଙ୍କ ଘରୁ ଉତ୍ତରଖାତା ଉଦ୍ଧାର କରାଯାଇଛି। ଛାତ୍ରୀଜଣକ ଭୁଲ୍‌ରେ ଉତ୍ତରଖାତା ପରିବର୍ତ୍ତେ ପ୍ରଶ୍ନପତ୍ର ଦେଇ ଚାଲି ଆସିଥିବା କହିଛନ୍ତି। ଅନ୍ୟପକ୍ଷେ ପରୀକ୍ଷା କେନ୍ଦ୍ରର ନୀରିକ୍ଷକ ମୋଟ ପରୀକ୍ଷାର୍ଥୀଙ୍କ ଅନୁସାରେ ଖାତା ଗଣି ରଖି ଦେଇଥିବାରୁ ଏହା ଜଣା ପଡିବା ସମ୍ଭବପର ହୋଇ ନ ଥିବ ବୋଲି ଓଷ୍ଟା ଶିକ୍ଷକ ସଂଘର ସମ୍ପାଦକ ପ୍ରସନ୍ନ କୁମାର ଧଳ ସୂଚନା ଦେଇଛନ୍ତି ।

ସିମୁଳିଆ ବ୍ଲକର ମୋଟ ୧୦ଟି ପରୀକ୍ଷା କେନ୍ଦ୍ରରେ ୧୫୮୪ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଥିବା ବେଳେ ୪୧ଜଣ ବିଭିନ୍ନ କାରଣ ପାଇଁ ଅନୁପସ୍ଥିତ ରହିଥିଲେ। ମୋଟ ୧୫୪୩ଜଣ ପରୀକ୍ଷା ଦେଇଥିଲେ। ତେବେ ଦାମୋଦର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ପାଟୁଳୀ ହାଇସ୍କୁଲ ଓ ଉପେନ୍ଦ୍ରନାଥ ଏକାଡେମୀ ମୋଟ ଦୁଇଟି ହାଇସ୍କୁଲର ୧୪୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ।

## ରାଜସ୍ୱ ଫାଙ୍କି ରୋକିବ ଆଇଓଟି ଡିଭାଇସ୍

ଯୋଡ଼ା,୧୯।୪(ଡି.ଏନ.ଏ.)



ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟରେ ସ୍ଥାପନ ହୋଇଥିବା ଆଇଓଟି ଡିଭାଇସ୍।

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଲୁହାପଥର ମାନରେ ହେର୍‌ଫେର ନେଇ ହେଉଥିବା ଅଭିଯୋଗକୁ ରୋକିବା ପାଇଁ ରାଜ୍ୟ ସରକାର ଏକ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରିଛନ୍ତି। ଖଣି ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ଫେବୃୟାରୀ ୧୩ରେ ଇଣ୍ଟର୍‌ନେଟ ଅଫ୍ ଥିଙ୍ଗସ(ଆଇଓଟି) ଡିଭାଇସ୍ ଯୋଡ଼ା ଖଣି ଉପନିର୍ଦ୍ଦେଶାଳୟରେ ସ୍ଥାପନ କରାଯାଇଛି। ଏହି ଯନ୍ତ୍ର ଦ୍ୱାରା ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କରି ଖଣିଜ ମାନରେ ଚଞ୍ଚକତାକୁ ରୋକାଯାଇପାରିବ। ଖଣିରୁ ଖଣିଜ ନମୁନା ସଂଗ୍ରହ ବେଳେ ଜିଓ ରେଫରେନ୍ସ ଜରିଆରେ ଜିପିଏସ୍ ଟେକ୍ନୋଲୋଜି ମାଧ୍ୟମରେ ଖଣିଜ ଷ୍ଟାକ୍‌ର ର୍‍ୟାଣ୍ଡମ ଜେନେରେଶନ ସାମ୍ପଲିଂ ଲୋକେଶନ ପ୍ରଣାଳୀରେ ନମୁନା ସଂଗ୍ରହ କରି ଆଇଓଟି ଡିଭାଇସ୍ ଜରିଆରେ ମାନ ଯାଞ୍ଚ କରାଯିବ। ପରବର୍ତ୍ତୀ ସମୟରେ ଖଣିର ନାମକୁ ଗୋପନରେ ରଖି କେବଳ କ୍ୟୁଆର୍‌କୋଡ୍ ଜରିଆରେ ଖଣିଜର ମାନ ଜାଣି ହେବ। ଏଥିରେ ହେର୍‌ଫେର ବା ମାନରେ କୌଣସି ଅସାଧୁ ଉପାୟ ଅବଲମ୍ବନ କରିହେବ ନାହିଁ। ଏହି ଡିଭାଇସ୍ ଯୋଡ଼ା ଖଣି ମଣ୍ଡଳରେ ଚାଲୁଥିବା ୩୧ ଖଣିରେ ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟ କରୁଛି। ପୂର୍ବରୁ କିଛି ଅସାଧୁ ଲିଜ୍‌ଧାରୀ ଗ୍ରେଡ୍‌ରେ ହେରଫେର କରି ରାଜସ୍ୱ ଫାଙ୍କୁଥିଲେ। ଏପରି କି ଉଚ୍ଚମାନର ଲୁହା ପଥରକୁ ନିମ୍ନମାନର ଦର୍ଶାଇ କମ୍ ମୂଲ୍ୟରେ ରୟାଲ୍‌ଟି ଦିଆଯାଉଥିବାରୁ ରାଜ୍ୟ ସରକାର ବିପୁଳ ପରିମାଣରେ ରାଜସ୍ୱ ହରାଉଥିବା ଅଭିଯୋଗ ହୋଇଆସୁଥିଲା। ଖଣି ବିଭାଗ ଏହାକୁ ରୋକିବା ପାଇଁ ଯୋଡ଼ାରେ ପ୍ରଥମ କରି ଏହି ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ଆଇଓଟି ଡିଭାଇସ୍‌ର ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି।

